# କଟକ ମହାନଗର ନିଗମ

କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୭ତମ ବୈଠକର ବିବରଣୀ

ତା-୧୩.୦୧.୨୦୧୬, ସମୟ ଅପରାହ୍ନ-୦୪.୦୦ ଘଟିକା

ସ୍ଥାନ-କଟକ ମହାନଗର ନିଗମ ସଭାଗୃହ

<u>ଉପସ୍ଥିତ ସଭ୍ୟ / ସଭ୍ୟା</u>

୧. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର -ଅଧ୍ୟକ୍ଷ

୨. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ - ସଦସ୍ୟ

୩. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା - ସଦସ୍ୟ

୪. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ - ସଦସ୍ୟା

୫. ଶ୍ରୀଯୁକ୍ତା ଇତିଶ୍ରୀ ଦାସ-ସଦସ୍ୟା

୬. ସୁଶ୍ରୀ ପଦ୍ମା ଭୂୟାଁ -ସଦସ୍ୟା

୭. ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ - ସଦସ୍ୟ

<u>ଉପସ୍ଥିତ ଅଧିକାରୀ</u>

୧. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ

୨. ଶ୍ରୀଯୁକ୍ତ ଜୟକୃଷ୍ଣ ଚିନ୍ନରା –ମୁଖ୍ୟ ସହାୟକ, ପ୍ରତିଷ୍ଠାନ ବିଭାଗ

ଅଦ୍ୟ ତା ୧୩.୦୧.୨୦୧୬ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୭ତମ ବୈଠକ କମିଟିର ଅଧକ୍ଷ ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବୈଠକରେ ଉପସ୍ଥିତ ଥିବା କମିଟିର ସଦସ୍ୟ ଓ ସଦସ୍ୟା ତଥା ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏହାପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ କରାଯାଇ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ସର୍ଭିସ ପ୍ରୋଭାଇଡ଼ରଙ୍କ ଏକ ନୂତନ ପ୍ୟାନେଲ ପ୍ରସ୍ତୁତ ନିମନ୍ତେ, ଟେଣ୍ଡର ପକ୍ରିୟା ଆରମ୍ଭ କରାଯିବାକୁ ସୁପାରିଶ କରାଗଲା । ନିର୍ଦ୍ଧିଷ୍ଟ ଭାବେ ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦୈନିକ ମଜୁରୀ ଭିତିରେ ଯୋଗ୍ୟ ବିବେଚିତ ହୋଇଥିବା ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ଏହି ନିଯୁକ୍ତି ଗୁଡ଼ିକ ପ୍ରଦାନ କରାଯିବା ନିମନ୍ତେ ସୁପାରିଶ କରାଗଲା । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ଅନୁମୋଦିତ ଢାଂଚାରେ ଏଥି ନିମନ୍ତେ ଉପଯୁକ୍ତ ଟେଣ୍ଡର ଡ଼କୁମେଣ୍ଟ ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର କରାଗଲା । ନିୟମ ଅନୁଯାୟୀ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜିତ କର୍ମଚାରୀ ମାନଙ୍କୁ EPFପ୍ରଦାନର ବ୍ୟବସ୍ଥା କରାଯିବାକୁ ମଧ ସ୍ଥିର କରାଗଲା । ଧାର୍ଯ୍ୟ କରାଯିବାକୁ ଥିବା ସର୍ତାବଳୀ ମଧରେ ସମ୍ପୃକ୍ତ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜିତ କର୍ମଚାରୀ ମାନଙ୍କ ନିମନ୍ତେ ଡ୍ରେସ କୋଡ଼ ଲାଗୁ କରାଯିବା ନିମନ୍ତେ ମଧ ସୁପାରିଶ କରାଗଲା ।

୨. କମିଟିର ଆସନ୍ତା ବୈଠକରେ ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରତିଷ୍ଠାନ ବିଭାଗର ଚିଠା ବଜେଟ ସମ୍ପର୍କରେ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୩. ପୂର୍ବରୁ ରାଜ୍ୟ ସରକାରଙ୍କ ପୁନଃ ଥଇଥାନ ଯୋଜନା ମାଧମରେ Contractual Basis ରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଥିବା କର୍ମଚାରୀ ମାନଙ୍କୁ ନିଗମର ଆବଶ୍ୟକ ଥିବା ବିଭାଗରେ ନିୟୋଜନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୪. ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା କର୍ମଚାରୀ ମାନଙ୍କ ସେବା ବିଷୟରେ ଉପସ୍ଥାପନା କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ ନିମ୍ନଲିଖିତ କର୍ମଚାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଗ୍ରାଚ୍ୟୁଟି ଟଙ୍କା ମଞ୍ଜୁରୀ କରାଯିବାକୁ ସୁପାରିଶ କରାଗଲା ।

| କ୍ର.ନଂ. | କର୍ମଚାରୀଙ୍କ ନାମ ଓ ପଦବୀ | ଅବସର ଗ୍ରହଣ ତାରିଖ | ମଞ୍ଜୁରୀ ନିମନ୍ତେ ଗ୍ରାଚ୍ୟୁଟି ଟଙ୍କା ର ପରିମାଣ |
|---|---|---|---|
| ୧. | ଗୁରୁ ଦେଇ, ପୂର୍ବତନ ମେହେନ୍ତାଣୀ | ତା. ୩୦.୦୬.୨୦୦୧ | ଟ. ୩୨,୮୫୧.୦୦ |
| ୨. | ସାବିତ୍ରୀ ଦେଇ, (ଏ) ପୂର୍ବତନ ମେହେନ୍ତାଣୀ | ତା. ୩୦.୦୬.୨୦୧୨ | ଟ. ୯୨,୮୧୨.୦୦ |
| ୩. | ସୁରେନ୍ଦ୍ର କୁମାର ନାଏକ, ପୂର୍ବତନ ମେହେନ୍ତର | ତା. ୨୮.୦୪.୨୦୧୩(ମୃତ୍ୟୁ) | ଟ. ୨,୮୬, ୧୧୦.୦୦ |
| ୪. | ନଟବର ସାଇଁ, ପୂର୍ବତନ ଲ'ମୋହରୀର | ତା. ୩୧.୦୩.୨୦୦୬ | ଟ. ୮୩,୯୮୫.୦୦ |

RANJAN COUNCIL-CORPN. ESTT. S.C

| | | | |
|---|---|---|---|
| ୫. | ପିତାମ୍ବର ପରିଡ଼ା, ପୂର୍ବତନ ସର୍ଭେୟର | ତା. ୩୦.୦୬.୨୦୧୧ | ଟ. ୧,୩୦,୫୧୫.୦୦ |
| ୬. | ପଦ୍ମନାଭ ମହାପାତ୍ର, ପୂର୍ବତନ ୱାର୍କ ସରକାର | ତା. ୩୧.୦୮.୧୯୯୯ | ଟ. ୩୫,୦୯୮.୦୦ |
| ୭. | ସାଧୁ ନାଏକ, ପୂର୍ବତନ ମେହେନ୍ତର | ତା. ୧୬.୦୬.୨୦୧୪ (ମୃତ୍ୟୁ) | ଟ. ୩,୦୭,୫୬୦.୦୦ |
| ୮. | ସୁକଦେବ ମହାନ୍ତି, ପୂର୍ବତନ ଏଲ.ଭି ଡ୍ରାଇଭର | ତା. ୨୮.୦୨.୨୦୧୪ | ଟ. ୧,୯୪,୨୦୫.୦୦ |

୫. ନିଗମର ପ୍ରତିଷ୍ଠାନ ବିଭାଗ ଦ୍ଵାରା ଚାକିରୀ କାର୍ଯ୍ୟକାଳ ମଧରେ ମୃତ୍ୟୁ ବରଣ କରିଥିବା ପରିବାର ସଦସ୍ୟଙ୍କୁ ପୁନଃ ଥଇଥାନ ଯୋଜନାରେ ନିଯୁକ୍ତି ପ୍ରଦାନ ନିମନ୍ତେ ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧାନ କରାଯାଇ, କାଉନସିଲର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ନିକଟକୁ ସୁପାରିଶ କରାଯିବାକୁ ସ୍ଥିର କରାଗଲା ।

| କ୍ର.ନଂ. | ପୁନଃ ଥଇଥାନ ନିମନ୍ତେ ମୃତ କର୍ମଚାରୀଙ୍କ ପୁତ୍ରଙ୍କ ନାମ | ମୃତ୍ୟ ବରଣ ତାରିଖ | ପ୍ରସ୍ତାବିତ ଥଇଥାନ ଯୋଜନାରେ ପୁନଃ ନିଯୁକ୍ତି ନିମନ୍ତେ ସଦସ୍ୟ / ସଦସ୍ୟାଙ୍କ ନାମ ଏବଂ ମୃତ୍ୟ କର୍ମଚାରୀଙ୍କ ସମ୍ପର୍କ |
|---|---|---|---|
| ୧. | ✓ ବଙ୍ଗୁ ନାଏକ, ପୂର୍ବତନ ମେହେନ୍ତର | ୧୩.୧୨.୨୦୧୦ | ସନି ନାଏକ (ପୁତ୍ର) |
| ୨. | ✓ ସାହେବ ବେହେରା, ପୂର୍ବତନ ଏ.ଏମ୍.ସି. କୁଲୀ (ୱାର୍କ ଚାର୍ଜଡ଼) | ୧୧.୦୩.୨୦୧୩ | ମଞ୍ଜୁଲତା ବେହେରା (ସ୍ତ୍ରୀ) |
| ୩. | ସୁରେନ୍ଦ୍ର କୁମାର ନାଏକ, ପୂର୍ବତନ ମେହେନ୍ତର | ୨୮.୦୪.୨୦୧୩ | ସଂଜୟ ନାଏକ (ପୁତ୍ର) |

୬. ନିଗମ ଅଧିନରେ ବର୍ତମାନ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧମରେ ନିୟୋଜିତ ସମସ୍ତ Data Entry Operators, ମାନଙ୍କର ନିଯୁକ୍ତି ଅବଧିକୁ ତା. ୦୧.୦୧.୨୦୧୬ ଠାରୁ ତା ୩୧.୦୩.୨୦୧୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନିମନ୍ତେ ସୁପାରିଶ କରାଗଲା ।

୭. Eviction Squad ନିମନ୍ତେ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜିତ କର୍ମଚାରୀଙ୍କ ନିଯୁକ୍ତି ଅବଧି ବୃଦ୍ଧି ନିମନ୍ତେ ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜିତ ୫ଜଣ କୁଲୀଙ୍କ ନିଯୁକ୍ତି ଅବଧିକୁ ତା ୦୧.୦୭.୨୦୧୫ରିଖ ଠାରୁ ତା ୩୧.୧୨.୨୦୧୫ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ନିଗମ ଅଧିନରେ ୨୦୦୫ ମସିହାଠାରୁ ସ୍ଥାୟୀ କର୍ମଚାରୀ (LFS/Non LFS/Class-IV & Conservancy) ଭାବେ ନିଯୁକ୍ତି ପାଇ ସେବା ପୁସ୍ତକ ଖୋଲାଯାଇଥିବା ୮୨ ଜଣ କର୍ମଚାରୀଙ୍କ ନିମନ୍ତେ Operational of National Pension System (NPS) ଲାଗୁ କରାଯିବା ନିମନ୍ତେ, ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇଥିଲା । ପ୍ରସ୍ତାବିତ ଏହି ଯୋଜନାରେ ସମ୍ପୃକ୍ତ କର୍ମଚାରୀ ମାନଙ୍କର Pay+GP+DA ର ୧୦% ସମ୍ପୃକ୍ତ କର୍ମଚାରୀ ମାନଙ୍କ ଦରମାରୁ କଟାଯିବା ସହିତ, ନିଗମର Matching Contribution ସହିତ Online Remitanceର ବ୍ୟବସ୍ଥା ରହିଥିବାରୁ ଏହି ବ୍ୟବସ୍ଥାରେ ନିଗମର Matching Contribution ବାବଦରେ ମାସିକ ପ୍ରାୟ ଟ. ୧,୨୧,୦୦୦/- ଅତିରିକ୍ତ ଖର୍ଚ୍ଚ ବହନ କରାଯିବାର ଅବଶ୍ୟକତା ରହିଥିବାରୁ, ଏହି ପ୍ରସ୍ତାବକୁ ନିଗମର ଟ୍ୟାକ୍ସେସନ ଫାଇନାନ୍ସ ଆଣ୍ଡ ଆକାଉଣ୍ଟ୍ସ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ବିସ୍ତୃତ ଆଲୋଚନା କରାଯାଇ କାଉନସିଲରେ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୯. କଟକ ମହାନଗର ନିଗମର କମିଶନରଙ୍କ ପଦବୀର ବରିଷ୍ଠତାକୁ ଭିତି କରାଯାଇ ଏବଂ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟଭାରକୁ ଦୃଷ୍ଟିରେ ରଖାଯାଇ, ଏହି ପଦବୀ ନିମନ୍ତେ ମଞ୍ଜୁର କରାଯାଇଥିବା ବରିଷ୍ଠ ଷ୍ଟେନୋଗ୍ରାଫର ପଦବୀର ପାହ୍ୟା ବୃଦ୍ଧି (Upgradation) କରାଯାଇ ବ୍ୟକ୍ତିଗତ ସହାୟକ (Personal Assistant) ପଦବୀ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଅନୁମୋଦନ ନିମନ୍ତେ ବହୁ ପୂର୍ବରୁ ଯାଇଥିବା ପ୍ରସ୍ତାବର ତ୍ଵରାନ୍ବିତ କରାଯିବାକୁ, ସତନ୍ତ୍ର ଭାବେ ଏକ ପ୍ରସ୍ତାବ ଅନୁମୋଦନ ନିମନ୍ତେ ପଠାଯିବାକୁ ସୁପାରିଶ କରାଗଲା ।

ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ / ସଦସ୍ୟା ଏବଂ ଅଧିକାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଯାଇଥିଲା ।

Pramod Mahapatra

(ପ୍ରମୋଦ କୁମାର ମହାପାତ୍ର)

ଅଧକ୍ଷ

କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି

RANJAN COUNCIL CORPN. ESTT. S.C.

ଜ୍ଞାପକ ସଂ 139 ତା 4.3.16

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାଶନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 140 ତା 4.3.16

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 141 ତା 4.3.16

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନିର୍ବାହୀ ଯନ୍ତ୍ରୀ-୧ ଓ ୨ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ପ୍ରତିଷ୍ଠାନ ଅଧିକାରୀ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 142 ତା 4.3.16

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 143 ତା 4.3.16

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

RANJAN COUNCIL-CORPN. ESTT. S.C.